## ସଂକ୍ଷେପରେ

### ଚୋରି ଅଭିଯୋଗରେ ୩ ଗିରଫ

ଅନୁଗୋଳ ଅଫିସ, ୧୮।୯: ଅନୁଗୋଳ ଥାନା ବଡ଼ବାହଲ ଗ୍ରାମରୁ ହୋଇଥିବା ଚୋରି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ବାହାଲ ଗ୍ରାମର ଲୁଲୁ ବେହେରା, ନାରାୟଣ ବେହେରା ଓ ବଅଁରପାଳ ଥାନା ପଣଓଳା ଗ୍ରାମର ସୌମ୍ୟରଞ୍ଜନ ବେହେରା। ଲୁଲୁ ଓ ସୌମ୍ୟରଞ୍ଜନଙ୍କୁ ଚୋରି ଅଭିଯୋଗରେ ଏବଂ ନାରାୟଣଙ୍କୁ ଚୋରା ସାମଗ୍ରୀ କିଣିବା ଅଭିଯୋଗରେ ଗିରଫ କରାଯାଇଛି। ଏମାନେ ବଡ଼ବାହାଲ ଗ୍ରାମର ରବୀନ୍ଦ୍ର ଦିବେଦୀଙ୍କ ଘରୁ ଗତ ୧୬ ତାରିଖ ରାତିରେ ଓ କୁମୁରିସିଂହା ଅଞ୍ଚଳର ଜଣଙ୍କ ଘରୁ ଚୋରି କରିଥିଲେ। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏମାନଙ୍କୁ କାବୁ କରିଛି।

### ଅବକାରୀ ଚଢ଼ାଉ, ୩ କୋର୍ଟଚାଲାଣ

ଆଠମଲ୍ଲିକ, ୧୮।୯(ଡି.ଏନ.ଏ.): ଅବକାରୀ ନିରୀକ୍ଷକ ଅନିତା ଓଝାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବିଭାଗ ପକ୍ଷରୁ ଆଠମଲ୍ଲିକ ଥାନା ଅନ୍ତର୍ଗତ ୩ଟି ଗ୍ରାମରେ ଚଢ଼ାଉ କରାଯାଇଛି। ଏଥିରେ ୩୨ ଲିଟର ମଦ ଜବତ ସହ ୩ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ମନରବେଡା ଗ୍ରାମର ସ୍ୱପ୍ନେଶ୍ୱର ପାତ୍ର, ରାଜେନ୍ଦ୍ର ମଲେଇ ଓ ନୂଆଗାଁ ଗ୍ରାମର ପ୍ରଶାନ୍ତ ଖେତୀ। ଅବକାରୀ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ଏସ୍ଆଇ ରମାକାନ୍ତ ଚାନ୍ଦ, ଆରକ୍ଷୀ ମନୋଜ ବେହେରା, ବବଲୁ ଦେହୁରୀ ଓ ସୌମ୍ୟା ସେଠୀ ପ୍ରମୁଖ ଚଢ଼ାଉ କରିଥିଲେ।

### କୁସଂସ୍କାର ବିରୋଧରେ ଆଗେଇ ଆସିବାକୁ ଆହ୍ୱାନ

ଅନୁଗୋଳ ଅଫିସ, ୧୮।୯: ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ୧୪୫ ତମ ଜୟନ୍ତୀ ଅବସରରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟସ୍ତରୀୟ ଅନ୍‌ଲାଇନ୍ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକକର୍ମୀ ତଥା ବାଜି ରାଉତ ଛାତ୍ରାବାସ ସଭାପତି କ୍ରିଷ୍ଣା ମହାନ୍ତି ଯୋଗଦେଇ ଶରତ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ସଙ୍ଗଠନର ସର୍ବଭାରତୀୟ ଉପ ସଭାନେତ୍ରୀ ସୁଜାତା ବାନାର୍ଜୀ ଯୋଗଦେଇ ଶରତଚନ୍ଦ୍ରଙ୍କ ଦ୍ୱାରା ରଚିତ ଚରିତ୍ରହୀନ, ପଲ୍ଲିସମାଜ, ରାମର ସୁମତି, ମହେଶ ଆଦି ସାହିତ୍ୟ ସଂକଳନ ଉପରେ ଚର୍ଚ୍ଚା କରିବା ସହିତ ବିଭିନ୍ନ କୁସଂସ୍କାର ବିରୋଧରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସର୍ବଭାରତୀୟ ସମ୍ପାଦିକା ଛବି ମହାନ୍ତି, ରାଜ୍ୟ ସଭାନେତ୍ରୀ ବୀଣାପାଣି ଦାସ ଓ ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅନୁଗୋଳ ଜିଲା ସଭାନେତ୍ରୀ ମନ୍ଦୋଦରୀ ରାଉଳ ସଭା ପରିଚାଳନା କରିଥିଲେ।

### ଉଦ୍ଧାର ହେଲେ ଦୁଇ ଅସହାୟ ବ୍ୟକ୍ତି

ଆଠମଲ୍ଲିକ, ୧୮।୯(ଡି.ଏନ.ଏ.): ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳରୁ ଶୁକ୍ରବାର ୨ ଅସହାୟଙ୍କୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ମନୋରଞ୍ଜନ ଦାସ(୬୫) ଓ ବାବାଜୀ ଦାସ(୬୫)। ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ଚିଠି କ୍ରମେ ଉଭୟଙ୍କୁ ଉଦ୍ଧାର ପରେ ଅନୁଗୋଳ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟକୁ ପଠାଯାଇଛି। ବୃଦ୍ଧାଶ୍ରମରେ ସେମାନଙ୍କୁ ରଖାଯିବାକୁ ଉପଜିଲାପାଳ ଚିଠିରେ ଉଲ୍ଲେଖ କରିଛନ୍ତି। ସାମାଜିକ କର୍ମୀ ଅବିନାଶ ଷଡ଼ଙ୍ଗୀ, ସଲମାନ ଖାଁ ଏହି କାମରେ ସହଯୋଗ କରିଥିଲେ।

### ପାଣିହାଣ୍ଡିରେ ବୁଡ଼ି ଶିଶୁ ମୃତ

ମାଧପୁର, ୧୮।୯: ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ମନରବେଡ଼ା ଗ୍ରାମର ଅଶୋକ କୁମୁରାଙ୍କ ୯ ମାସର ଶିଶୁ କନ୍ୟାଙ୍କ ପାଣିହାଣ୍ଡିରେ ବୁଡ଼ି ଶୁକ୍ରବାର ମୃତ୍ୟୁ ଘଟିଛି। ଅଶୋକଙ୍କ ସ୍ତ୍ରୀ ଆରତୀ ରୋଷେଇ କରୁଥିବାବେଳେ ସେଠାରେ ଖେଳୁଥିବା ଶିଶୁକନ୍ୟାଟି ଏକ ପାଣିହାଣ୍ଡିରେ ପଡ଼ିଯାଇଥିଲା। ତାଙ୍କୁ ତୁରନ୍ତ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଆମ୍ବୁଲାନ୍ସ ଯୋଗେ ଆଠମଲ୍ଲିକ ନିଆଯାଇଛି। ପୋଲିସ ଏ ନେଇ ନଂ.୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଟାର୍ଗେଟ୍ ପୂରଣ କରିପାରୁନି 'ସୁକନ୍ୟା ସମୃଦ୍ଧି'

ଅନୁଗୋଳ ଅଫିସ, ୧୮।୯

କୌଣସି କ୍ଷେତ୍ରରେ ପଛରେ ନାହାନ୍ତି ଝିଅ। ତଥାପି ଝିଅଟିଏ ଅପେକ୍ଷା ପୁଅଟିକୁ ପଢ଼ାଇ ଆଗକୁ ବଢ଼ାଇବାକୁ ଅନେକ ଅଭିଭାବକ ପସନ୍ଦ କରିଥାନ୍ତି। ଏପରି କି କନ୍ୟାସନ୍ତାନଟିଏ ଜନ୍ମହେଲେ ମନଊଣା କରୁଥିବା ମାତାପିତାଙ୍କର ମଧ ଅଭାବ ନାହିଁ। ତେଣୁ କନ୍ୟାଭ୍ରୂଣ ହତ୍ୟା ରୋକିବା ସହ ଝିଅମାନଙ୍କ ପ୍ରତି ପରିବାରରେ ଥିବା ଏପରି ମନୋଭାବରେ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାର 'ବେଟି ବଞ୍ଚାଅ, ବେଟି ପଢ଼ାଅ' ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରୁଛନ୍ତି। ଏଥିସହ ଝିଅମାନଙ୍କୁ ପଢ଼ାଇ ଆଗକୁ ବଢ଼ାଇବାକୁ ଅନେକ ଯୋଜନା କରିଛନ୍ତି। ସେଥିମଧ୍ୟରୁ 'ସୁକନ୍ୟା ସମୃଦ୍ଧି' ଅନ୍ୟତମ। ଝିଅମାନଙ୍କୁ ଉଚ୍ଚଶିକ୍ଷାର ସୁଯୋଗ ସହ ବିବାହ ବେଳେ ପରିବାରକୁ ଆର୍ଥିକ ସମୃଦ୍ଧି ଦେବା ଏହି ଯୋଜନାର ଉଦ୍ଦେଶ୍ୟ। ହେଲେ ଅନୁଗୋଳ ଜିଲାରେ ସୁକନ୍ୟା ସମୃଦ୍ଧି ପ୍ରତିବର୍ଷ ଦିଆଯାଉଥିବା ଟାର୍ଗେଟ୍ ପୂରଣ କରିପାରୁ ନାହିଁ। ଗତ ୫ ବର୍ଷରେ ଜିଲାର ବିଭିନ୍ନ ଡାକଘରେ ମାତ୍ର ୨୧ ହଜାର ୬୯୦ ଜଣ ମାତାପିତା ଏହି ଯୋଜନାରେ ଆକାଉଣ୍ଟ ଖୋଲିଥିବା ସୂଚନା ମିଳିଛି।

୨୦୧୫ ଜାନୁୟାରୀ ୨୨ରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଏହି ସୁକନ୍ୟା ସମୃଦ୍ଧି ଯୋଜନା। ଜନ୍ମରୁ ୧୦ ବର୍ଷ ବୟସ୍କ ଝିଅମାନଙ୍କ ନାମରେ ସେମାନଙ୍କ ମାତାପିତା ପୋଷ୍ଟ ଅଫିସ କିମ୍ବା ବ୍ୟାଙ୍କରେ ମାତ୍ର ୨୫୦ ଟଙ୍କା ଦେଇ ଏ ନେଇ ଏକ ଆକାଉଣ୍ଟ ଖୋଲିପାରିବେ। ପରେ ମାସକୁ ମାତ୍ର ଶହେ ଟଙ୍କାରୁ ଆରମ୍ଭ କରି ଗୋଟିଏ ଆର୍ଥିକ ବର୍ଷରେ ସର୍ବାଧିକ ୧ ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଉକ୍ତ ଆକାଉଣ୍ଟରେ ଜମା କରାଯାଇ ପାରିବ। ଏହି ଯୋଜନାରେ ଖୋଲାଯାଇଥିବା ଆକାଉଣ୍ଟର ଅବଧି ୨୧ ବର୍ଷ ହୋଇଥିଲେ ହେଁ ଅଭିଭାବକମାନେ କେବଳ ୧୫ ବର୍ଷ ପର୍ଯ୍ୟନ୍ତ ଟଙ୍କା ଜମା କରିବେ। ଝିଅକୁ ୨୧ ବର୍ଷ ହେଲେ ଏହି ଜମା ରାଶି ସୁଧ ସହିତ ଉଠାଇ ପାରିବେ। ଆବଶ୍ୟକ ପଡ଼ିଲେ ଝିଅକୁ ୧୮ ବର୍ଷ କିମ୍ବା ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଜମାରାଶିରୁ ୫୦ ପ୍ରତିଶତ ଋଣ ଆକାରରେ ଆଣି ପୁନର୍ବାର ସୁଧ ସହ ଜମା କରିପାରିବେ। ଏହି ଯୋଜନାର ସବୁଠାରୁ ଆକର୍ଷଣୀୟ ଦିଗ ହେଲା ଉଚ୍ଚ ସୁଧ ହାର। କିନ୍ତୁ ଏତେ ସୁବିଧା ସତ୍ତ୍ୱେ ଅନୁଗୋଳ ଜିଲାରେ ଏହି




- ୫ ବର୍ଷରେ ଖୋଲାଯାଇଛି ୨୧, ୬୯୦ ଆକାଉଣ୍ଟ
- ସଚେତନ କରୁଛି ଅନୁଗୋଳ ଡାକ ବିଭାଗ
- ଲୋକଙ୍କ ନିକଟକୁ ଯାଉଛନ୍ତି ଶାଖା ଡାକପାଳ

ଯୋଜନା ପ୍ରତି ଅଭିଭାବକମାନେ ସେପରି ଆକର୍ଷିତ ହୋଇପାରି ନାହାନ୍ତି। ଜିଲା ମୁଖ୍ୟ ଡାକଘର ଅଧୀନରେ ୩୦ଟି ଉପ ଡାକଘର ସହ ୨୧୫ଟି ଶାଖା ଡାକଘରେ ଏବଂ ବ୍ୟାଙ୍କରେ ଏହି ସୁବିଧା ଉପଲବ୍ଧ ରହିଛି। କିନ୍ତୁ ୨୦୧୫ରେ ମାତ୍ର ୩ ହଜାର ୧୪୩ ମାତାପିତା ସେମାନଙ୍କ କନ୍ୟାରତ୍ନ ନାମରେ ଡାକଘରେ ଆକାଉଣ୍ଟ ଖୋଲିଥିଲେ। ସେହିପରି ୨୦୧୫-୧୬ ଆର୍ଥିକ ବର୍ଷରେ ଜିଲାରେ ୯ ହଜାର ୬୧୯ଟି ଆକାଉଣ୍ଟ ଖୋଲାଯାଇଥିବା ବେଳେ ୨୦୧୬-୧୭ରେ ୧ ହଜାର ୧୫ଟି, ୨୦୧୭-୧୮ରେ ୧ ହଜାର ୪୦୯ଟି, ୨୦୧୮-୧୯ରେ ୧ ହଜାର ୯୭୩, ୨୦୧୯-୨୦ରେ ୩ ହଜାର ୮୫ ଓ ୨୦୨୦-୨୧ ଆର୍ଥିକ ବର୍ଷର ଅଗଷ୍ଟ ୩୧ ସୁଦ୍ଧା ୧ ହଜାର ୪୪୬ଟି ଆକାଉଣ୍ଟ ଖୋଲାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ପୋଷ୍ଟମାଷ୍ଟର ସୁଶାନ୍ତ କୁମାର ପାଣିଗ୍ରାହୀ କହିଛନ୍ତି, ଏବେ ପୋଷ୍ଟାଲ ସହ ବ୍ୟାଙ୍କରେ ମଧ ଲୋକମାନେ ଏହି ଯୋଜନାରେ ଆକାଉଣ୍ଟ ଖୋଲୁଛନ୍ତି। ଏପରି କି ବିଭିନ୍ନ ଗ୍ରାମରେ ଲୋକଙ୍କୁ ସଚେତନ କରାଯାଉଛି। ସମ୍ପୂର୍ଣ୍ଣ ସୁକନ୍ୟା ଗ୍ରାମ ଭାବେ କେତେକ ଗ୍ରାମକୁ ଡାକ ବିଭାଗ ପକ୍ଷରୁ ନିଆଯାଇ ଘର ଘର ବୁଲି ସଚେତନ କରାଯାଉଛି। ଏଥିସହ ଶାଖା ଡାକପାଳମାନେ ଲୋକଙ୍କ ନିକଟକୁ ଯାଉଛନ୍ତି। ଯେହେତୁ ସୁକନ୍ୟା ସମୃଦ୍ଧି ଯୋଜନା କେନ୍ଦ୍ର ସରକାରଙ୍କ ପାଇଲଟ ପ୍ରୋଜେକ୍ଟ, ସେଥିପାଇଁ ଟାର୍ଗେଟ ମଧ ପ୍ରଦାନ କରାଯାଉଛି। କିନ୍ତୁ ଏହା ପୂରଣ ହୋଇପାରୁ ନାହିଁ। ତଥାପି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଉଦ୍ୟମ ଜାରି ରହିଥିବା ମୁଖ୍ୟ ପୋଷ୍ଟମାଷ୍ଟର ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ନବଘନ ସାମଲଙ୍କୁ ଅନ୍ତର୍ଜାତୀୟ ପୁରସ୍କାର

ଅନୁଗୋଳ ଅଫିସ, ୧୮।୯

ଓଣ୍ଡର ବୁକ୍ ଅଫ୍ ରେକର୍ଡ ସଙ୍ଗଠନ ପକ୍ଷରୁ ଅନୁଗୋଳ କଳାକାର ସାମୁଖ୍ୟ ସଭାପତି ତଥା ଜିଲା ସଂସ୍କୃତି ପରିଷଦ ସଦସ୍ୟ ନବଘନ ସାମଲ ଅନ୍ତର୍ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଓଣ୍ଡର ବୁକ୍ ଅଫ୍ ରେକର୍ଡର ଭାରତ ମୁଖ୍ୟ ସଂଯୋଜକ ନରେନ୍ଦ୍ର ଗୌଡ଼ ଓ ସହଯୋଗୀ ସଂଯୋଜିକା ଜି.ସ୍ୱର୍ଣ୍ଣଶ୍ରୀଙ୍କ ସହଯୋଗରେ ଅନୁଗୋଳ ଜିଲା କଳାକାରଙ୍କ ପକ୍ଷରୁ ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ମହୋତ୍ସବର ବିଭିନ୍ନ ଫଟୋ ଓ ଭିଡିଓକୁ ବିଚାରକୁ ନିଆଯାଇଥିଲା। ଗତ ନଭେମ୍ବରରେ ଅନୁଗୋଳ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବରେ 'ଏ ମାଟିର ଲୋକକଳା' ଆକୃଷ୍ଟ କରିଥିଲା। ୭୨ ଘଣ୍ଟାରେ ନିରବଚ୍ଛିନ୍ନ ଭାବେ ଗୋଟିଏ ମଞ୍ଚରେ ୨୫ ହଜାର କଳାକାର ନିଜର କଳା ପ୍ରଦର୍ଶନ କରିବା, ୩୨ ହଜାର କଳାକାରଙ୍କୁ ନେଇ କରୋନା ସଚେତନତା ବାର୍ତ୍ତା ବାଣ୍ଟିବା ଆଦିକୁ ବିଚାରକୁ ନିଆଯାଇଥିଲା।


ଅନ୍ତର୍ଜାତୀୟ ସମ୍ମାନ ସହ ନବଘନ।

ଏହା ପୂର୍ବରୁ ସାମଲ ରାଜ୍ୟ ସଂସ୍କୃତି ବିଭାଗରୁ ୨ ଥର, ସଂସ୍କୃତି ପ୍ରତିଭା, ଅନୁଗୋଳ ଗୌରବ, ସଂସ୍କୃତି ମିତ୍ର, କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ସଫଳତା ପାଇବା ପରେ ଜିଲା ଗ୍ରନ୍ଥାଗାରିକ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନୂଆ ପୋଖରୀ ପାଇଁ ୯୪ ଆବେଦନ ପତ୍ର

ଅନୁଗୋଳ ଅଫିସ, ୧୮।୯

**ମତ୍ସ୍ୟ ପୋଖରୀ ଯୋଜନାରେ ହିତାଧିକାରୀ ମନୋନୟନ ବୈଠକ**

ଅନୁଗୋଳ ଜିଲାରେ ମତ୍ସ୍ୟ ପୋଖରୀ ଯୋଜନାରେ ହିତାଧିକାରୀ ମନୋନୟନ ପାଇଁ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏହି ଯୋଜନାର ଠିକ୍ କାର୍ଯ୍ୟକାରିତା ଉପରେ ଜିଲାପାଳ ସ୍ୱାଇଁ ଗୁରୁତ୍ୱାରୋପ କରିବା ସହ ଆବଶ୍ୟକ ସଂଖ୍ୟକ ହିତାଧିକାରୀ ଚୟନରେ ଯେପରି ସ୍ୱଚ୍ଛତା ବଜାୟ ରଖାଯାଇପାରିବ ସେଥିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ସରକାରଙ୍କ ଦ୍ୱାରା ୪୮.୩୮ ହେକ୍ଟର ଜଳାୟତନ ବିଶିଷ୍ଟ ନୂତନ ପୋଖରୀ ଖନନ ଧାର୍ଯ୍ୟ ଲକ୍ଷ୍ୟ ଥିଲା। ଏଥିପାଇଁ ବିଭିନ୍ନ ବ୍ଲକରୁ ମତ୍ସ୍ୟ ବିଭାଗ ଦ୍ୱାରା ହସ୍ତଗତ ହୋଇଥିବା ୫୨.୯୮ ହେକ୍ଟର ଜଳାୟତନ ବିଶିଷ୍ଟ ୯୪ଟି ଆବେଦନ ପତ୍ର ଜିଲାସ୍ତରୀୟ ମନୋନୟନ କମିଟି ଦ୍ୱାରା ଅନୁମୋଦନ କରାଯାଇଥିଲା। ବୈଠକ ପ୍ରାରମ୍ଭରେ ଅନୁଗୋଳ ମଣ୍ଡଳ ଉପ-ମତ୍ସ୍ୟ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଜିଲା ମତ୍ସ୍ୟ ଅଧିକାରୀ ଶାନ୍ତନୁ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲା କୃଷି ଅଧିକାରୀ ଭୋଳା ଶଙ୍କର ବେହେରା ଓ ବ୍ୟାଙ୍କ ସମୂହର ଅଗ୍ରଣୀ ଜିଲା ପ୍ରବନ୍ଧକ ମହେଶ୍ୱର ଗୌଡ଼ଙ୍କ ସମେତ ବିଭାଗୀୟ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

# ୯୭ ପଜିଟିଭ୍, ୧୧୩ ସୁସ୍ଥ

ଅନୁଗୋଳ ଅଫିସ, ୧୮।୯

ଅନୁଗୋଳ ଜିଲାରୁ ଶୁକ୍ରବାର ୯୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୨,୪୪୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ କଣିହାଁ ବ୍ଲକରୁ ୧୫, ତାଳଚେର ବ୍ଲକରୁ ୧୪, ଛେଣ୍ଡିପଦା ବ୍ଲକରୁ ୧୩, ତାଳଚେର ପୌରାଞ୍ଚଳରୁ ୧୩, ବଅଁରପାଳ ବ୍ଲକରୁ ୧୨, ଅନୁଗୋଳ ପୌରାଞ୍ଚଳରୁ ୧୧, ପାଲଲହଡ଼ା ବ୍ଲକରୁ ୭, ଅନୁଗୋଳ ବ୍ଲକରୁ ୬, କିଶୋରନଗର ବ୍ଲକରୁ ୪ ଓ ଆଠମଲ୍ଲିକ ବ୍ଲକର ୨ ଜଣ ରହିଛନ୍ତି। ଏମାନେ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା କୁହାଯାଇଛି। ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ କୋଭିଡ୍ ହସ୍‌ପିଟାଲକୁ ଓ ଲକ୍ଷଣ ବିହୀନଙ୍କୁ ନିଜ ଘରେ ଆଇସୋଲେସନ୍‌ରେ ରଖାଯାଇ ନିରୀକ୍ଷଣ କରାଯାଉଛି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୧୧୩ ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବିଡିଓଙ୍କ 'ମୋ ଉପକାରୀ ବଗିଚା' ପରିଦର୍ଶନ


ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରୁଛନ୍ତି ବିଡିଓ।

ଛେଣ୍ଡିପଦା,୧୮।୯(ସ୍ୱ.ପ୍ର.)

ଛେଣ୍ଡିପଦା ବିଡିଓ ବିଶ୍ୱନାଥ ସାହୁ ଶୁକ୍ରବାର 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବିଶେଷ କରି ଦୁର୍ଗାପୁର, ବାଲିପଟା, ଜରପଡା ପଞ୍ଚାୟତର ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ଏହାର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଓଡ଼ିଶା ଜୀବିକା ମିଶନ ଓ ପଞ୍ଚାୟତିରାଜ ବିଭାଗ ସହଯୋଗରେ ଚାଲୁଥିବା ଏହି କାର୍ଯ୍ୟକ୍ରମରେ ବଗିଚା ପାଇଁ କ୍ଷେତ୍ର ପ୍ରସ୍ତୁତି ପଦ୍ଧତି ଉପରେ ପରାମର୍ଶ ଦେଇଥିଲେ। ବିଡିଓ ଦୁର୍ଗାପୁର ଗ୍ରାମଠାରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଫଳ ଜାତୀୟ ଚାରା ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଥିଲେ। ପ୍ରମୋଦ କୁମାର ବେହେରା, ପଞ୍ଚାନନ ସାହୁ, ଜ୍ୟୋତ୍ସ୍ନା ସାହୁ, ସୁମତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଚାଷୀଙ୍କ ନାମ ତାଲିକା ଜିଓ ଟ୍ୟାଗିଙ୍ଗ କରିବା ସହ ପ୍ରାପ୍ୟ ପ୍ରୋତ୍ସାହନ ରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ।

## ଫଟୋରେ ଖବର


ଅନୁଗୋଳର ଏକ ପୋଖରୀରେ କେତେଜଣ ପିଲା ଗାଧୋଇବାର ମଜା ନେଉଛନ୍ତି। (ଫଟୋ- ବୁକୁ)

### ଦୋକାନ ଭିତରକୁ ମାଡ଼ିଗଲା କାର୍

ଭଣ୍ଡାରିପୋଖରୀ,(ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ବଜାରଠାରେ ଥିବା ଏକ ଜଳଖିଆ ଦୋକାନକୁ ଶୁକ୍ରବାର ଏକ କାର୍ ମାଡ଼ିଯାଇଥିଲା। ଫଳରେ ଦୋକାନର ବହୁ ସାମଗ୍ରୀ ନଷ୍ଟ ହୋଇଛି। ଜଣେ କାର୍‌ଚାଳକ ମଞ୍ଜୁରୀରୋଡ ବଜାର ମାଛ ମାର୍କେଟ ନିକଟ ଏକ ପାନ ଦୋକାନ ଆଗରେ କାର୍ ରଖିଥିଲେ। ପାନ ଦୋକାନୀ ତାଙ୍କୁ ଗାଡ଼ି ଚାବି ମାଗି କାର ଚଳାଇବାରୁ କାର୍‌ଟି ଭାରସାମ୍ୟ ହରାଇ ଜଳଖିଆ ଦୋକାନ ଭିତରକୁ ମାଡ଼ି ଯାଇଥିଲା।

# ୪ ଲକ୍ଷ ପିଲାଙ୍କୁ ଦିଆଯିବ ଔଷଧ

ଅନୁଗୋଳ ଅଫିସ, ୧୮।୯

ଜାତୀୟ କୃମି ନାଶ ଦିବସ ଅବସରରେ ଚଳିତ ମାସ ୨୧ରୁ ୨୬ ତାରିଖ ମଧ୍ୟରେ ଅନୁଗୋଳ ଜିଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଅଣୁ ଯୋଜନାକୁ ନେଇ ଶୁକ୍ରବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରେ ଶିଶୁମାନଙ୍କୁ ନିରାପଦ ଭାବେ କୃମି ନାଶ ଔଷଧ ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଶିଶୁ ସ୍ୱାସ୍ଥ୍ୟ ଉପ ପରିଚାଳକ ସୂର୍ଯ୍ୟପ୍ରତାପ ମହାମାନସିଂହ କାର୍ଯ୍ୟକ୍ରମ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଅଣୁ ଯୋଜନା ଅନୁଯାୟୀ ଜିଲାରେ ୧ରୁ ୧୯ ବର୍ଷ ମଧ୍ୟରେ ମୋଟ୍ ୪ ଲକ୍ଷ ୩୬ ହଜାର ୯୬୭ ପିଲାଙ୍କୁ କୃମିନାଶ ଔଷଧ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ୧ରୁ ୩ ବର୍ଷର ଶିଶୁମାନଙ୍କୁ କୃମିନାଶ ସିରପ ଓ ୩ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କୁ ବଟିକା ପ୍ରଦାନ କରାଯିବ। ଆଶା, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି ଔଷଧ ପ୍ରଦାନ କରିବେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ କୁମାର ଦାଶ କୃମି ନାଶ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ଓ (ପରିବାର କଲ୍ୟାଣ) ଡାକ୍ତର ଦିଲୀପ କୁମାର ପଟ୍ଟନାୟକ, ଭାରପ୍ରାପ୍ତ ଏଡିଏମ୍ଓ(ମେଡିକାଲ) ଡାକ୍ତର ବିଶ୍ୱବିହାରୀ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା, ଜିଲା ମଙ୍ଗଳ ଅଧିକାରୀ ଚାରୁଲତା ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

**ଜାତୀୟ କୃମି ନାଶ ଦିବସ ପାଳନ ପାଇଁ ବୈଠକ**


ଜିଲାପାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକ।

CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

Galaxy Tower
(Regd. Company)
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ
ଡିଜିଟାଲ
ଟାୱାର ଲଗାନ୍ତୁ ଓ ପାଆନ୍ତୁ
ଅଗ୍ରିମ - 90 ଲକ୍ଷ
ଭଡ଼ା - 45 ହଜାର
ମାସିକ 25,000 ଟଙ୍କାର ସୁବିଧା +
ମାଗଣା ଇଣ୍ଟରନେଟ୍ + (20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ)
9451783485
H.No. 412, Subhash Nagar Jind, Haryana

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

